

To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ପାଣି ଛାଡିବା ନେଇ ଛତିଶଗଡ ସହ ଆଲୋଚନା କରିବି

R.N.I. No.-42041/83 Vol-16, Issue No.64, ଭଦ୍ରକ, ଗୁରୁବାର, ୩୦, ଅଗଷ୍ଟ ୨୦୧୮ ■ Bhadrak, Thursday, 30 August 2018 Rs. 2.00 Pages-8

ଚାନ୍ଦ୍ ଆଣିଲେ ଦ୍ୱିତୀୟ ଚାନ୍ଦୀ

- ■ କ୍ରୀଡାଦିବସରେ ଗୌରବ ଆଣିଲେ ଦୂତୀ
- ■ ଦୁଇଟି ପଦକ ଜିତିବାରେ ପ୍ରଥମ ଓଡିଆ ଆଥଲେଟ
- ■ ୨୩.୨୦ ସେକେଣ୍ଡରେ ଦୂରତାକୁ ଅତିକ୍ରମ କଲେ

ଜାକର୍ତ୍ତା, ୨୯।୮ : ଜାକର୍ତ୍ତାଠାରେ ଚାଲିଥିବା ଏସିଆନ ଗେମସରେ ୨୦୦ ମିଟର ଦୌଡ଼ରେ ଓଡ଼ିଶାର ଧାବିକା ଦୂତି ଚାନ୍ଦ ଦ୍ୱିତୀୟସ୍ଥାନ ଅଧିକାର କରି ଭାରତ ପାଇଁ ଆଉ ଏକ ପଦକ ଆଣିବାରେ ସକ୍ଷମ ହୋଇଛନ୍ତି । ସେ ୨୩.୨୦ ସେକେଣ୍ଡରେ ଦୂରତାକୁ ଅତିକ୍ରମ କରିଥିଲା ବେଳେ ପୂର୍ବରୁ ୧୦୦ ମିଟର ଦୌଡ଼ରେ ୧୧.୩୨ ସେକେଣ୍ଡରେ ଅତିକ୍ରମ କରିଥିଲେ । ଏହି ଏସିଆନ କ୍ରୀଡ଼ା ପ୍ରତିଯୋଗୀତାରେ କ୍ରମାଗତଭାବେ ୨ଟି ଇଭେଂଟରେ ଦ୍ୱିତୀୟ ସ୍ଥାନରେ ରହି ଚାନ୍ଦି ପଦକ ଆଣିବା କ୍ଷେତ୍ରରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ । ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି ।

୨୮ ଅଗଷ୍ଟ ୨୦୧୮ ପୁଣିଥରେ ପଦକ ଆଶା ନେଇ ଟ୍ରାକକୁ ଓହ୍ଲାଇଥିଲେ ସୁନା ଝିଅ ଦୂତି । ୧୦୦ ମିଟର ପରେ ୨୦୦ ମିଟର ଦୌଡରେ ଦମ୍‌ଦାର ପ୍ରଦର୍ଶନ ସହ ଫାଇନାଲ ଟିକେଟ ହାତେଇଥିଲେ ଦୂତି । ମାତ୍ର ୨୩ ସେକେଣ୍ଡରେ ୨୦୦ ମିଟର ଅତିକ୍ରମ କରି ନୂଆ ଇତିହାସ ରଚିଥିଲେ ଦୂତି । ଆଉ ଏହାପରେ ୨୦୦ ମିଟରରେ ଦୂତିଙ୍କ ସ୍ୱର୍ଣ୍ଣ ସ୍ୱପ୍ନ ସାକାର ହେବ ବୋଲି ରାଜ୍ୟ ତଥା ଦେଶବାସୀ ଆଶ ବାନ୍ଧି ବସିଥିଲେ । କାରଣ ସେମିଫାଇନାଲରେ ୧୦୦ ମିଟର ଦୌଡର ବିଜେତାଙ୍କୁ ପଛରେ ପକାଇଥିଲେ ଦୂତି । ଆଉ ୨୯ ଅଗଷ୍ଟରେ ଦୂତି ଯେତେବେଳେ ପଦକ ଜିତିବା ପାଇଁ ଟ୍ରାକକୁ ଓହ୍ଲାଇଲେ ରାଜ୍ୟ ତଥା ଦେଶବାସୀଙ୍କ ହୃତସ୍ପନ୍ଦନ ମଧ ବଢିବା ଆରମ୍ଭ ହୋଇଥିଲା । ଟ୍ରାକରେ ହ୍ୱିସଲ ବାଜିବା ମାତ୍ରେ ପବନ ବେଗରେ ମାଡି ଚାଲିଥିଲେ ଦୂତି । ଲାଗୁଥିଲା ଆଉ କିଛି ପାଦ ପରେ ଯେପରି ସୁନା ପଦକ ହାତେଇନେବେ ଦୂତି । କିନ୍ତୁ ଶେଷ କିଛି ମୁହୂର୍ତ୍ତରେ ସାଥ୍ ଦେଲାନି ଭାଗ୍ୟ । ମାତ୍ର ଏକ ସେକେଣ୍ଡରୁ କମ୍ ସମୟ ବିଳମ୍ବରେ ପହଞ୍ଚିବାରୁ ସ୍ୱର୍ଣ୍ଣ ପଦକ କବଜା କରି ନେଇଥିଲେ ବାହାରିନର ଆଥଲେଟ । କିନ୍ତୁ ଦେଶବାସୀଙ୍କୁ ନିରାଶ କରିନଥିଲେ ଦୂତି ଚାନ୍ଦ । ୨୦୦ ମିଟର ଦୌଡରେ ରୌପ୍ୟ ଜିତିବା ସହ ଭାରତକୁ ଦ୍ୱିତୀୟ ରୁପା ଦେଇଥିଲେ ଦୂତି । ଆଉ ଏହାସହ ଏସିଆନ ଗେମ୍ସରେ ଦୁଇ ଦୁଇଟି ପଦକ ଜିତି ନୂଆ ଇତିହାସ ସୃଷ୍ଟି କରିଥିଲେ ଦୌଡରାଣୀ ଦୂତି ।

ଯାଜପୁରର ଝିଅ ଦୂତିଙ୍କ ପାଇଁ ଜାକର୍ତ୍ତାରେ ଦୁଇ ଦୁଇଟି ରୌପ୍ୟ ପଦକ ଜିତିବା ଏତେ ସହଜ ନଥିଲା । ଅନେକ ଘାତ ଓ ପ୍ରତିଘାତକୁ ପାଦରେ ଆଡେଇ ଚାନ୍ଦି ଜିତିଛନ୍ତି ଚାନ୍ଦ । ସଂଘର୍ଷ ଓ ସଫଳତାର ଏହି ଲମ୍ବା କାହାଣୀ ଭିତରେ କିନ୍ତୁ ୨୦୧୪ ମସିହାରେ ଦୂତିଙ୍କ ସହ ଘଟିଯାଇଥିଲା ଏମିତି ଏକ ଘଟଣା । ଯାହା ତାଙ୍କ ଆଥଲେଟିକ୍ କ୍ୟାରିୟର ନେଇ ସୃଷ୍ଟି ହୋଇଥିଲା ଏକ ବଡ ପ୍ରଶ୍ନବାଚୀ । ତାଙ୍କ ଦେହରେ ଥିବା ଏକ ହରମୋନକୁ ନେଇ ଉଠିଥିଲା ଆପତି । ହେଲେ ସବୁ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରିଥିବା ସୁନା ଝିଅ ଦୂତିଙ୍କ ହାତରେ ଆଜି ରୁପା ପଦକ । ବାହାରିନର ଏଡିଡିଓଙ୍ଗ ଓଡିଓଙ୍ଗ ୨୨.୯୬ ସେକେଣ୍ଡ ନେଇ ସ୍ୱର୍ଣ୍ଣ ଏବଂ ଚୀନର ଓଙ୍ଗଲି ୨୩.୨୭ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ଜିତିଛନ୍ତି । ପିଟି ଉଷା (୧୯୮୬ ସିଓଲ ଏସିଆଡରେ ୪ ପଦକ), ଜ୍ୟୋର୍ତିମୟୀ ଶିକଦାର (୧୯୮୬ ଓ ୧୯୯୮ରେ ଦୁଇଟି ଲେଖାଏଁ ପଦକ) ଏବଂ ସୁନୀତା ରାଣୀ (୨୦୦୨ ବୁସାନ ଏସୀୟ କ୍ରୀଡାରେ ୨ ପଦକ)ଙ୍କ ପରେ ଦୁତୀ ଅନ୍ୟତମ ଭାରତୀୟ ଆଥଲେଟ୍ ଭାବେ ଗୋଟିଏ ଏସୀୟ କ୍ରୀଡାରେ ଏକାଧିକ ପଦକ ଜିତିଛନ୍ତି । ଆଇଏଏଏଫର ହାଇପର ଆଣ୍ଡରୋଜେନିଜିମ୍ ନୀତି ଯୋଗୁଁ ଗତ ୨୦୧୪ ଏସୀୟ କ୍ରୀଡାରେ ଭାଗ ନେବାରୁ ବଞ୍ଚିତ ହୋଇଥିଲେ । ତେବେ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର ସ୍ପୋର୍ଟସରେ ଆବେଦନ କରି ଲଢେଇ ଜାରି ରଖିଥିଲେ ଏବଂ ଜିତିଲେ ଓ ନ୍ୟାୟ ପାଇଲେ । ଠିକ୍ ସେମିତି ଆଜି ସେ ଟ୍ରାକରେ ଲଢେଇ କରି ଜିତିଛନ୍ତି ଦ୍ୱିତୀୟ ରୌପ୍ୟ ପଦକ ପାଇଛନ୍ତି ।

ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, **(ପୃଷ୍ଠା-୭)**

ଦୂତୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୨୯।୮ (ସକାଳଖବର): ଜାକର୍ତ୍ତା ଏସିଆଡ୍‌ରେ ୨୦୦ ମିଟର ଦୌଡ଼ରେ ଦୂତୀ ଚାନ୍ଦ ରୌପ୍ୟ ପଦକ ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କ୍ରମାଗତ ଭାବରେ ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ପଦକ ଆଣି ଦୂତୀ ସାରା ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ତାଙ୍କ ପାଇଁ ସାରା ଓଡ଼ିଶାବାସୀ ଖୁସି। ସେ ସାରା ଦେଶର ଗର୍ବ ଓ ଗୌରବ। ତାଙ୍କର ଏହି ଗୌରବମୟ ଯାତ୍ରା ଆଗକୁ ମଧ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

ଓଡ଼ିଶା ପାଇଁ ଇତିହାସ ରଚିଛନ୍ତି ଚାନ୍ଦ: କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୨୯।୮ (ସକାଳଖବର): ଜାକର୍ତ୍ତାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଓଡ଼ିଶାର ଧାବିକା ଦୂତି ଚାନ୍ଦ ୨୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଅର୍ଜନ କରି ଭାରତର ଗୌରବ ବୃଦ୍ଧି କରିବା ସହିତ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ପାଇଁ ଇତିହାସ ସୃଷ୍ଟି କରିଛନ୍ତି । ଜାତୀୟ କ୍ରୀଡ଼ା ଦିବସରେ ଦୂତିଙ୍କ କୃତୀତ୍ୱ ରାଜ୍ୟର କ୍ରୀଡ଼ାପ୍ରେମୀମାନଙ୍କୁ ଅଭିଭୂତ କରିଛି ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ଚନ୍ଦ୍ରସାରଥୀ ବେହେରା ଉଲ୍ଲେଖ କରି ଦୂତି ଚାନ୍ଦଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ।

ଘନେଇଲା ଓକିଲ ପୋଲିସ ବିବାଦ

ପୋଲିସ୍ ଭ୍ୟାନ୍‌ରେ ନିଆଁ ଲଗାଇଲେ ଦୁର୍ବୃତ

କଟକ, ୨୯।୮ (ସକାଳଖବର): ଓକିଲ ପୋଲିସ ବିବାଦ ଉଗ୍ର ରୂପ ଧାରଣ କରୁଥିବା ବେଳେ ଓକିଲଙ୍କ ପକ୍ଷରୁ କାର୍ଯ୍ୟବନ୍ଦ୍ ଜାରି ରହିବା ସହ ବିକ୍ଷୋଭ, ଟାୟାର ଜାଳି ରାସ୍ତା ରୋକ କରାଯାଇ ସଂପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ବିକ୍ଷୋଭ ସମୟରେ ଏକ ପୋଲିସ ଗାଡି ପୋଡାଯାଇଥିବା ବେଳେ କିଏ ନିଆଁ ଲଗାଇଲା ତାହାକୁ ନେଇ ଆରୋପ ପ୍ରତ୍ୟାରୋପ ଲାଗି ରହିଛି । ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଆକ୍ରମଣରେ ଓକିଲ ଆହତ ହୋଇଥିବା ଘଟଣାକୁ ନେଇ ଗତକାଲିଠାରୁ ଓକିଲଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଆଜି ବିଭିନ୍ନ ବାର ଆସୋସିଏସନ ବୈଠକର ନିଷ୍ପତି ଅନୁଯାୟୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଆସନ୍ତା କାଲି ପର୍ଯ୍ୟନ୍ତ ଜାରି ରଖାଯାଇଥିବା ବେଳେ ହାଇକୋର୍ଟ ବାର ଆସୋସିଏସନର କର୍ମକର୍ତ୍ତାମାନେ ମୁଖ୍ୟ ବିଚାରପତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଆସନ୍ତା କାଲି ଏ ସଂପର୍କରେ କୋର୍ଟରେ ପିଟିସନ୍ ଦାଖଲ କରାଯିବା ପରେ ମାମଲା ଶୁଣାଣି କରାଯିବ ବୋଲି ସୂଚନା ମିଳିଛି । ଆଇନଜୀବୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରତିବାଦ ସଭା କରିବା ସହ ଟାୟାର ଜାଳି ରାସ୍ତାରୋକ କରିଥିଲେ । ମାଡ ମାରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା । ଆସନ୍ତା କାଲି ସାରା ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଡାକରା ଦିଆଯାଇଛି । ବୁଧବାର ଭଦ୍ରକ ଡିଏସପି ବିଶ୍ୱନାଥ ରାଉତ ଏକ କାର୍ଯ୍ୟରେ ହାଇକୋର୍ଟକୁ ଆସିଥିବା ସମୟରେ କୋର୍ଟରେ **(ପୃଷ୍ଠା-୭)**

ନନ୍ଦନକାନନରେ ଆଫ୍ରିକୀୟ ସିଂହର ମୃତ୍ୟୁ

ଭୁବନେଶ୍ୱର, ୨୯।୮ (ସକାଳଖବର): ଭୁବନେଶ୍ୱର ନନ୍ଦନକାନନରେ ବୁଧବାର ଏକ ଆଫ୍ରିକୀୟ ସିଂହର ମୃତ୍ୟୁ ଘଟିଛି। ମୃତ ସିଂହଟିର ବୟସ ମାତ୍ର ୮ ବର୍ଷ । ସିଂହଟି ହଠାତ୍ ଅସୁସ୍ଥ ହୋଇପଡିବାରୁ ତାକୁ ନନ୍ଦନକାନନ ଚିକିତ୍ସାଳୟରେ ରଖି ଚିକିତ୍ସ କରାଯାଉଥିଲା। ତେବେ ଆଜି ତାର ମୃତ୍ୟୁ ଘଟିଥିଲା ବୋଲି ନନ୍ଦନକାନନ କର୍ତୃପକ୍ଷ କହିଛନ୍ତି। ଅନ୍ୟପକ୍ଷରେ ଗୋଟିଏ ମାସ ମଧ୍ୟରେ ୨ଟି ସିଂହର ମୃତ୍ୟୁ ଘଟଣା ନନ୍ଦନକାନନ କର୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। ବର୍ତ୍ତମାନ ନନ୍ଦନକାନନରେ ଆଉ ୧୨ଟି ସିଂହ ଅଛନ୍ତି । ସୂଚନା ଯୋଗ୍ୟ ନନ୍ଦନକାନନର ସିଂହ ସଫାରିରେ ସିଂହ ବଂଶ ବୃଦ୍ଧି କରିବା ଲକ୍ଷ୍ୟ ନେଇ ୨୦୧୫ ମସିହାରେ ୪ଟି ସଂହ ଇସ୍ରାଏଲରୁ ଅଣାଯାଇଥିଲା। **(ପୃଷ୍ଠା-୭)**

ବନ୍ୟା ପିରିସ୍ଥିତି ସାମାନ୍ୟ : ଏସ୍‌ଆରସି

- ➲ ୬ ଲକ୍ଷ ଘନଫୁଟ୍ ରୁ ଉର୍ଦ୍ଧ୍ୱ ପାଣି ପ୍ରବାହିତ ହେଉଛି
- ➲ ଏନଡିଆରଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ନିୟୋଜିତ

ଭୁବନେଶ୍ୱର, ୨୯।୮ (ସକାଳଖବର): ହୀରାକୁଦ ଜଳ ଭଣ୍ଡାରର ଆଉ ଅଧିକ ଗେଟ୍ ଖୋଲାଯିବ ନାହିଁ ମୁଣ୍ଡଳୀ ଠାରେ ୬ ଲକ୍ଷ ଘନଫୁଟ୍ ରୁ ଉର୍ଦ୍ଧ୍ୱ ପାଣି ପ୍ରବାହିତ ହେଉଥିବା ବେଳେ ରାତି ସୁଦ୍ଧା ୮.୫ ଲକ୍ଷ ଘନଫୁଟ ପାଣି ପ୍ରବାହିତ ହେବ । ତେଣୁ ପୁରୀ , ଜଗତସିଂହପୁର, ଭଦ୍ରକ ଓ କଟକ ଜିଲ୍ଲାମାନଙ୍କରେ ଏନଡିଆରଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ଜଳସମ୍ପଦ ବିଭାଗ ସଚିବ ପ୍ରଦୀପ ଜେନା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବନ୍ୟା ପରିସ୍ଥିତି ସାମାନ୍ୟ ରହିଛି। ସମସ୍ତେ ସଜାଗ ରହିଛନ୍ତି। ଆବଶ୍ୟକ ହେଲେ ତଳିଆ ଅଂଚଳର ଲୋକଙ୍କୁ ସ୍ଥାନାନ୍ତର କରାଯିବା ସମସ୍ତ ଜିଲ୍ଲା ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ବିଷ୍ଣୁପଦ ସେଠୀ ପ୍ରକାଶ କରିଛନ୍ତି । ସଚିବ ଶ୍ରୀ ଜେନା କହିଛନ୍ତି ଯେ ଛତିଶଗଡ କୌଣସି ସୂଚନା ନଦେଇ ଅବିଚାରିତ ଭାବେ ହଠାତ୍ ପାଣି ଛାଡି ଦେଉଛି। ବନ୍ୟା ପାଇଁ ଛତିଶଗଡ ସରକାର ହିଁ ଦାୟୀ । ବର୍ତ୍ତମାନ ହୀରାକୁଦ ଜଳ ଭଣ୍ଡାରକୁ ୪ ଲକ୍ଷ ୮ ହଜାର କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବା ବେଳେ ୪ ଲକ୍ଷ ୫୮ ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଛି। ବୁଧବାର ରାତିରେ ଓ ଗୁରୁବାର ସକାଳେ ଜଳ ସ୍ତର ହ୍ରାସ ପାଇବା ବୌଦ ଖରାମାଳ ଠାରେ ୭ ଲକ୍ଷ ୩୪ ହଜାର କ୍ୟୁସେକ୍ ପାଣି ପ୍ରବାହିତ ହେଉଛି। ମହାନଦୀ ଅବବାହିକାରେ ଯେଉଁ ବନ୍ୟା ଜଳ ଆସିବ ତାହା ନଦୀ ଶଯ୍ୟା ଦେଇ ପ୍ରବାହିତ ହେବ । ରାତି ୯ଟା ସୁଦ୍ଧା ମୁଣ୍ଡଳୀରେ ୯ଲକ୍ଷ ଘନଫୁଟ ପାଣି ପ୍ରବାହିତ ହେବା ତେବେ ବଡ ଧରଣର ବନ୍ୟା ହେବାର ସମ୍ଭାବନା ନାହିଁ ବୋଲି ସେ କହିଥିଲେ ।

ହାର୍ଟବିଟ୍ସ ଫର ହକି

ଭୁବନେଶ୍ୱର, ୨୯।୮ (ସକାଳଖବର): ହକି ପୁରୁଷ ବିଶ୍ୱକପ ପାଇଁ କାଉଂଟ ଡାଉନ ଆରମ୍ଭ ହୋଇଯାଇଛି । ବିଶ୍ୱକପ୍ କୁ ଆଉ ମାତ୍ର ୯୦ ଦିନ ବାକି ଥିବା ବେଳେ ବୁଧବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମରେ 'ହାର୍ଟବିଟ୍ସ ଫର ହକି' ନାମକ ଏକ କ୍ୟାମ୍ପେନ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଭାରତକୁ ପୁଣି ଥରେ ବିଶ୍ୱବିଜୟୀ କରାଇବା ଏବଂ ବିଶ୍ୱସ୍ତରରେ ଓଡିଶାର ନାଁକୁ ବଜାୟ ରଖିବା ପାଇଁ ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ଏହି କ୍ରୀଡାର ଅଧିକ ପ୍ରଚାର ପ୍ରଚାର ପାଇଁ ୧୭ଟି ସହରରେ କ୍ୟାମ୍ପେନ ଆରମ୍ଭ ହେବା ସାରା ଭାରତରେ ହୃଦ ସ୍ପନ୍ଦନ ସୃଷ୍ଟି କରିବା ପାଇଁ ରୋଡ ସୋ, ଜାତୀୟ ଦଳ ପାଇଁ ବିଶ୍ୱକପ ଜର୍ସି ଉନ୍ମୋଚନ, ବିଶ୍ୱକପ ମ୍ୟୁଜିକ୍ ଭିଡ଼ିଓ ଉନ୍ମୋଚନ କରାଯାଇଛି । ହାର୍ଟ ବିଟ୍ ଫର ହକି ଗାଡ଼ି ଜଳନ୍ଧର, ଲକ୍ଷ୍ନୌ, ରାଂଚି, ଦିଲ୍ଲୀ, ଚେନ୍ନାଇ ପରିଭ୍ରମଣ କରିବା ସେହିପରି ଚଣ୍ଡିଗଡ଼, ବେଙ୍ଗାଲୁରୁ, ମୁମ୍ବାଇ, ଭୋପାଳ, ରାଉରକେଲା, ଇମ୍ଫାଲରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ହକି ଷ୍ଟିକ୍ କୁ ପ୍ରଦର୍ଶିତ କରାଯିବ । ଜାତୀୟ କ୍ରୀଡ଼ା ଦିବସ ଅବସରରେ ବୁଧବାର ଦିନ କଳିଙ୍ଗ ଷ୍ଟାଡ଼ିୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୩୬୦ ଡିଗ୍ରୀ ଅଭିଯାନ ହାର୍ଟ ବିଟ୍ସ ଫର୍ ହକି କାର୍ଯ୍ୟକ୍ରମ ଉଦଘାଟନ କରିଛନ୍ତି। ହାର୍ଟ ବିଟ୍ସ ଫର୍ ହକି ଅଭିଯାନ ମାଧ୍ୟମରେ ସଙ୍ଗୀତ, ମନୋରଞ୍ଜନ, ଫେସନ, ଶୁଦ୍ଧ କ୍ରୀଡ଼ା ଓ ପ୍ୟାନେଲ ଆଲୋଚନା ହେବା ଜାତୀୟ ଦଳକୁ ନେଇ ପ୍ରସ୍ତୁତ ଡିଜିଟାଲ ଅଭିଯାନ ଉନ୍ମୋଚିତ ହେବା ସୂଚନାଯୋଗ୍ୟ ଯେ ଆସନ୍ତା ନଭେମ୍ବର ୨୮ ତାରିଖରୁ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡ଼ିୟମରେ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜିତ ହେବା ଏଥିରେ ମୋଟ୍ ୧୬ଟି ଦେଶର ଖେଳାଳୀ ଭାଗ ନେବେ ।

ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।

ହୁଣ୍ଡିର ଆୟ (୨୫.୮.୧୮)
୨,୪୨,୪୧୪

ଜଟଣୀ ଓଭରବ୍ରିଜ୍ ନିର୍ମାଣ ଘଟଣା

ବାଦ୍ ପଡିଲା ପଣ୍ଡା ଇନଫ୍ରା

ଭୁବନେଶ୍ୱର, ୨୯।୮ (ସକାଳଖବର): ଠିକାଦାର ସଂସ୍ଥା ପଣ୍ଡା ଇନଫ୍ରାଷ୍ଟ୍ରକଚର ସଂସ୍ଥାକୁ ଅନିୟମିତତା ଅଭିଯୋଗରେ ଜଟଣୀ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟରୁ ହଟାଇ ଦିଆଯାଇଛି। ସମ୍ପୃକ୍ତ ବ୍ରିଜ୍ ର ନିର୍ମାଣ ଶେଷ କରିବାପାଇଁ ପୁନର୍ବାର ଆରମ୍ଭ କରିଥିଲେ। ପଣ୍ଡା ଇନ୍ଫ୍ରାର କାର୍ଯ୍ୟ ଶୈଳୀକୁ ନେଇ ଜନ ଅସନ୍ତୋଷ ବଢୁଥିବାରୁ ଜଟଣୀ ଫ୍ଲାଏ ଓଭରବ୍ରିଜ୍ କାର୍ଯ୍ୟରୁ ପୂର୍ତ୍ତ ବିଭାଗ ପଣ୍ଡା ବାଦ୍ ଦେଇଛି । ପୂର୍ବରୁ ଜଟଣୀ ଫ୍ଲାଏ ଓଭର ବ୍ରିଜ୍ ଅଭିଯୋଗର ଭିଜିଲାନ୍ସ ଖୋଲତାଡ ଟେଣ୍ଡର କରାଯିବ । ଏକ ମାସ ମଧ୍ୟରେ ଟେଣ୍ଡର କରାଯିବବୋଲି ପୂର୍ତ୍ତ ବିଭାଗ ସଚିବ ନଳିନୀକାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି। ଅନ୍ୟ ୩ଟି ସ୍ଥାନରେ ଏହି ଠିକା ସଂସ୍ଥାର କାର୍ଯ୍ୟକୁ ସରକାର ସମୀକ୍ଷା କରିବା ଆରମ୍ଭ କରିଥିଲା। ଏହି ଫ୍ଲାଏ ଓଭରବ୍ରିଜ୍ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ଆଣି ନିର୍ମାଣକାରୀ ଠିକା ସଂସ୍ଥା ପଣ୍ଡା ଇନ୍ଫ୍ରା ପ୍ରୋଜେକ୍ଟକୁ ଏଥିରୁ ଅନ୍ତର କରିବାକୁ ସ୍ଥାନୀୟ ବାସିନ୍ଦାଙ୍କ **(ପୃଷ୍ଠା-୭)**

ସାଳନ୍ଦୀ ନଦୀରେ ବନ୍ୟାଜଳ

ଲୋକେ ପାଣି ଘେରରେ

ଭଦ୍ରକ, ୨୯।୮ (ସକାଳଖବର): ହଦଗଡ଼ ଡ୍ୟାମ୍‌ରୁ ୪ଟି ଗେଟ୍ ଖୋଲାଯାଇ ୩ହଜାର ୫ଶହ କ୍ୟୁସେକ୍ ଜଳରାଶି ନିଷ୍କାସିତ ହେଉଥିବା ସୁଚନା ମିଳିଛି । ଏଥିନେଇ ସାଳନ୍ଦୀ ନଦୀରେ ଭରପୁର ବନ୍ୟାଜଳ ଆସି ଭଦ୍ରକ ସହରାଂଚଳ ଓ ଗ୍ରାମାଂଚଳରେ ପ୍ରବେଶ କରିଛି। ଲୋକମାନଙ୍କୁ ନାହିଁନଥିବା ସମସ୍ୟାରେ ପକାଇ ଦେଇଛି। ଭଦ୍ରକ ବ୍ଲକ ଅଧୀନସ୍ତ ଚାରିଟି ପଂଚାୟତ ଓ ପୌରାଂଚଳର ୪ଟି ୱାର୍ଡ ପାଣିଘେରରେ ରହିଛି । ଏଥିନେଇ ଦିନତମାମ ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଇନାହିଁ। ଭଦ୍ରକ ପୌରାଂଚଳର ୨୬, ୨୭, ୨୮ ଓ ୨୯ ନଂ ସାଳନ୍ଦୀ ନଦୀ ପାର୍ଶ୍ୱସ୍ଥ ୱାର୍ଡ ଜଳବନ୍ଦୀ ହୋଇ ପଡ଼ିଛି । ସେହିପରି ୨୯ନଂ ଗରଦପୁର ୱାର୍ଡର ଦୁର୍ଗାପୁର ରେ ସାଳନ୍ଦୀ ବନ୍ୟାଜଳ ପ୍ରବେଶ କରି କିଛି ଘର ଓ ରାସ୍ତା ବୁଡ଼ିଯାଇଥିବା ବେଳେ କାଉଁନ୍‌ସିଲର ଅଶୋକ ମହାପାତ୍ର ପୌର ପ୍ରଶାସନକୁ ଅବଗତ କରିଥିଲେ ମଧ କେହି ଶୁଣିନଥିବା ସୂଚନା ଦେଇଛନ୍ତି । କାଉନ୍‌ସିଲର ଶ୍ରୀ ମହାପାତ୍ର ତାଙ୍କ ନିଜସ୍ୱ ଅର୍ଥରେ ଦିନତମାମ ତିନୋଟି ପମ୍ପ ପକାଇ ଜଳ ନିଷ୍କାସନ କରିବା ସହିତ ନଦୀ ପାର୍ଶ୍ୱରେ ବାଲି ବସ୍ତା ନେଇ ବନ୍ଧ ବାନ୍ଧିଥିବା ବେଳେ ଗ୍ରାମବାସୀ ମାନେ ସହଯୋଗ କରିଛନ୍ତି । ତେବେ ଅନ୍ୟାନ୍ୟ ନଦୀ ପାର୍ଶ୍ୱବର୍ତ୍ତୀ ୱାଡ୍ ଗୁଡ଼ିକ ମଧ ବନ୍ୟାଜଳ ପ୍ରବେଶ କରିବା ପାଖାପାଖି ଛୁଇଁଥିବା ଦେଖାଯାଇଛି । ଭଦ୍ରକ ବ୍ଲକ ଅଧିନସ୍ତ ବିଷ୍ଣୁପୁର, ଅନ୍ନପାଳ ପଂଚାୟତରେ ସାଳନ୍ଦୀ ବନ୍ୟାଜଳ ପ୍ରବେଶ କରିଛି । ବହୁ ଚାଳଛପର ଗରୀବଘର ସମ୍ପୂର୍ଣ୍ଣ ଭାବେ ବୁଡ଼ିଯାଇଛି। ତେବେ ବିଷ୍ଣୁପୁର ଓ ଅନ୍ନପାଳ ସନ୍ଧ୍ୟା ସୁଧା ସମ୍ପୂର୍ଣ୍ଣ ବୁଡ଼ିଯିବାରୁ ପ୍ରଶାସକ ମାନେ ପହଂଚିଥିବା ବେଳେ ବ୍ଲକ ଚେୟାରମ୍ୟାନ୍ ରଘୁନାଥ ଧଳ, ଜିଲ୍ଲାପରିଷଦ ସଭ୍ୟ ସରୋଜ ନାୟକ ସେଠାରେ ରହି ସମସ୍ତ ବ୍ୟବସ୍ଥା କରିବାର ପ୍ରୟାସ ଚଳାଇଥିବା ଜଣାପଡ଼ିଛି । ଦୁର୍ଗାପୁରର ସେକ୍ ମିନୁ, ସେକ୍ ଟୁନା, ସେକ୍ ସମସୁଲ, ମୀର ମୁନୁ, ରବି ମାଝୀ, ଭାଗିଆ ମାଝୀ, ସୋନୁ ମାଝ ପ୍ରମୁଖଙ୍କ ବହୁଘରେ ବନ୍ୟାଜଳ ପ୍ରବେଶ କରିଥିବା ବେଳେ ପମ୍ପ ସାହାଯ୍ୟରେ ଜଳ ନିଷ୍କାସନ କରାଯାଇଥିବାରୁ ସେମାନେ ଘରେ ରହିପାରିଛନ୍ତି । ଯାହା ନେଇ କାଉନ୍‌ସିଲର୍ ଶ୍ରୀ ମହାପାତ୍ରଙ୍କୁ ସେମାନେ ପ୍ରଶଂସା କରିଛନ୍ତି । ତେବେ ଏଭଳି ସାଳନ୍ଦୀ ନଦୀର ବନ୍ୟା ପରିସ୍ଥିତି ଲୋକଙ୍କୁ ଅଡୁଆରେ ପକାଇଥିବା ବେଳେ ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ସୁବ୍ୟବସ୍ଥା କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ବନ୍ୟାବିପନ୍ନ ପରିବାର ପକ୍ଷରୁ ନିବେଦନ କରାଯାଇଛି । ତେବେ ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା କରିବା ପାଇଁ ବିଭିନ୍ନ ମହଲରୁ ଦାବୀ ହେଉଛି ।